# ହାଡ଼ଭଙ୍ଗା ଜାଡ଼; ଜନଜୀବନ ଅସ୍ତବ୍ୟସ୍ତ

ତିଗିରିଆ,୧୦।୧(ସମିସ):



ପ୍ରଚଣ୍ଡ ଜାଡ଼ରେ ଥରୁଛି ଆଠଗଡ ଉପଖଣ୍ଡ। ଆଠଗଡ଼ ସମେତ ତିଗିରିଆ, ବଡମ୍ବା ବ୍ଲକ ଅନ୍ତର୍ଗତ ଅଞ୍ଚଳ ମହାନଦୀ କୂଳବର୍ତ୍ତୀ ଅଞ୍ଚଳରେ ଥିବାରୁ ଅପରାହ୍ନ ୩ଟାଠାରୁ ଅନୁଭୂତ ହେଉଛି ଭୟଙ୍କର ଶୀତ। ମଝିରେ ମଝିରେ କୋହଲା ପବନ ବହିବା କାରଣରୁ ଶୀତ ବହୁଗୁଣିତ ହେଉଛି। ସଂଧ୍ୟା ୬ରୁ ସକାଳ ୧୧ ପର୍ଯ୍ୟନ୍ତ ଖୁଣ୍ଟୁଣୀଠାରୁ କମଳାଡିହ ପର୍ଯ୍ୟନ୍ତ ଦୀର୍ଘ ୯୦କିମି ରାସ୍ତାରେ ଯାନବାହନ ଚଳାଚଳ ଅସମ୍ଭବ ହୋଇପଡୁଛି। ବିଗତ ବର୍ଷଠାରୁ ଆଠଗଡ, ତିଗିରିଆ, ବଡମ୍ବା ଓ ନରସିଂହପୁର ଅଞ୍ଚଳର ଏଥର ତାପମାତ୍ରା କମ ରହିଛି। ସଂଧ୍ୟା ପରଠାରୁ ବିଭିନ୍ନ ଅଞ୍ଚଳର ତାପମାତ୍ରା ୨୦ ଡିଗ୍ରୀ ସେଲସିୟସ ରହୁଥିବା ବେଳେ ସନ୍ଧ୍ୟା ୬ଟା ପରେ ଏହି ତାପମାନ ହ୍ରାସ ହୋଇ ୧୨ରୁ ୧୪ରେ ପହଞ୍ଚୁଛି। ଖୁଣ୍ଟୁଣୀ-ନରସିଂହପୁର ୬୫ନଂ ରାଜ୍ୟ ରାଜପଥ ଘନ କୁହୁଡିର ଆସ୍ତରଣ ତଳେ ଘୋଡାଇ ହୋଇଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିମୋଟର ଚାଳକମାନେ ଗାଡିକୁ ଥୋଇ ଦେଇ କୁହୁଡି ହଟିବା ପର୍ଯ୍ୟନ୍ତ ଅପେକ୍ଷା କରି ରହୁଥିବାରୁ ବହୁ ସମୟରେ ରାସ୍ତା ଜାମ ରହୁଛି। ଆଠଗଡ ବ୍ଲକର ମହାନଦୀ କୂଳ ଅଞ୍ଚଳ ସହ ତିଗିରିଆର ଉତ୍ତର କୁଲାଟ, ବଡମ୍ବା ମହାନଦୀ କୂଳବର୍ତ୍ତୀ ପଞ୍ଚାୟତ ଏବଂ ସଂପୂର୍ଣ୍ଣ ନରସିଂହପୁର ଅଞ୍ଚଳରେ ଏହାର ବିଶେଷ ପ୍ରଭାବ ରହୁଛି। ଲୋକମାନେ ସନ୍ଧ୍ୟା ପରେ ଘରୁ ବାହାରୁ ନାହାନ୍ତି। ନରସିଂହପୁର ଅଞ୍ଚଳ ସହ ବଡମ୍ବାର କିଛି ଅଞ୍ଚଳରେ ଜନସାଧାରଣ ରାସ୍ତାକଡରେ ବଡ ବଡ କାଠଗଣ୍ଡିରେ ନିଆଁ ଲଗାଇ ନିଆଁ ପୁଆଁଉଥିବାର ଲକ୍ଷ୍ୟ କରାଯାଇଛି। ଲୋକ ନଥିବାରୁ ବ୍ୟବସାୟୀମାନେ ସ୍ୱଳ୍ପ ଦରରେ ପନିପରିବା ସହ ଅନ୍ୟାନ୍ୟ ବ୍ୟବସାୟିକ ପଣ୍ୟଦ୍ରବ୍ୟକୁ ବିକ୍ରି କରି ଘରକୁ ଫେରିବାକୁ ବାଧ ହେଉଛନ୍ତି। ଦୀର୍ଘ ୨୫ ବର୍ଷ ମଧ୍ୟରେ ଆଠଗଡ ଉପଖଣ୍ଡରେ ଏପରି ଶୀତ ଓ କୁହୁଡି ଦେଖାଯାଇ ନ ଥିବାର ପୁରୁଖା ଲୋକମାନେ ପ୍ରକାଶ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ମିଶନ୍ ମେରିଟ୍ କାର୍ଯ୍ୟକ୍ରମ

ନରସିଂହପୁର,୧୦।୧(ସମିସ): ନରସିଂହପୁର ବ୍ଲକରେ ମାଟ୍ରିକ ଛାତ୍ରଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଛି ମିଶନ ମେରିଟ୍ କାର୍ଯ୍ୟକ୍ରମ। ଏଥିରେ ବ୍ଲକର ୩୬ଟି ହାଇସ୍କୁଲର ୬୧ ମେଧାବୀ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ନରସିଂହପୁର ବାଳିକା ଉଚ୍ଚବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ବିଜୟ କୁମାର ଦଳବେହେରା ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ବରିଷ୍ଠ ଶିକ୍ଷକମାନେ ଅଂଶଗ୍ରହଣ କରିଥିବା ସମସ୍ତ ୧୯୧ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରିବେ। ଏଥିପାଇଁ ନରସିଂହପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ସେମାନଙ୍କ ପଢିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ଲୋପାମୁଦ୍ରା ରାଉତରାୟ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜସ୍ମିନ ବିହାରୀ, ସହକାରୀ ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ ପ୍ରଧାନ, ବିଜୟ କୁମାର ଭୂୟାଁ, ଲମ୍ବୋଦର ବେହେରା, ବରିଷ୍ଠ ପ୍ରଧାନ ଶିକ୍ଷକ ଶେଷଦେବ ବେହେରା, ବିଜ୍ଞାନନ୍ଦ ସାହୁ, ପ୍ରତାପଚନ୍ଦ୍ର ପଣ୍ଡା, ସୁଶୀଲ ମହାପାତ୍ର, ପ୍ରଦୀପ ମଲ୍ଲିକ, ସୁନନ୍ଦ ନାୟକ, ସୁଗମ ପ୍ରସାଦ ଡାଲୁଆ, ଆଲୋକ ଦଲେଇ, ଆଲୋକ ସାହୁ, ଦିଲ୍ଲୀପ ସାହୁ, କଳିଙ୍ଗ କେଶରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପିଏମ୍‌ଶ୍ରୀ ଉତ୍ସବ ଓ ବିକଶିତ ଓଡ଼ିଶା ପ୍ରକଳ୍ପ ପ୍ରଦର୍ଶିତ




ସାଲେପୁର,୧୦।୧(ସମିସ): ପିଏମ୍‌ଶ୍ରୀ ସାଲେପୁର ହାଇସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଶ୍ରୀକାନ୍ତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମକୁ କଟକ ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମନୋରଂଜନ ବାରିକ ମୁଖ୍ୟଅତିଥି ରୂପେ ଉଦ୍‌ଘାଟନ କରିବା ସହ ପିଏମ୍‌ଶ୍ରୀ ଯୋଜନାରେ ସାଲେପୁର ହାଇସ୍କୁଲ କଟକ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିବା ଏହି ହାଇସ୍କୁଲ ପାଇଁ ଅଧିକ ଗର୍ବ ଓ ଗୌରବ ଆଣିଛି ବୋଲି ପ୍ରକାଶ କରିଥିଲେ। ଅତିଥି ରୂପେ ସାଲେପୁର ବ୍ଲକ୍‌ର ଶିକ୍ଷାଧିକାରୀ ତଥା ଜଗତ୍‌ସିଂହପୁର ଜିଲ୍ଲାର ଅତିରିକ୍ତ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଫିରୋଜ ଖାଁ, ପୁରାତନ ଛାତ୍ରସଂସଦର ସଭାପତି ମିହିର ଜେନା, ସାଲେପୁର ସାରସ୍ୱତ ସମାରୋହ ସମିତିର କାର୍ଯ୍ୟକାରୀ ସଭାପତି ଅକ୍ଷୟ ଦାଶ, ସାମ୍ବାଦିକ ଶିଶିର ଦାଶ, ପୂର୍ବତନ ପ୍ରଧାନଶିକ୍ଷକ ପ୍ରଶାନ୍ତ ଭୂୟାଁ, ପୂର୍ବତନ ଶିକ୍ଷକ କମଳାକାନ୍ତ ମୁଦୁଲି, ସିଆରସିସି ଦେବଦତ୍ତ ଦାଶ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ବିଶେଷ ଭାବରେବିକଶିତ ଭାରତ ଓ ବିକଶିତ ଓଡ଼ିଶାକୁ ଆଖିଆଗରେ ରଖାଯାଇ ଏଠାରେ ନବମ ଶ୍ରେଣୀ ଛାତ୍ରୀ ରତୁପୂର୍ଣ୍ଣା ପୃଷ୍ଟି, ପ୍ରିୟଂଶୀ ଶୁଭଦର୍ଶିନୀ ନୂତନ ଭାବରେ ଷ୍ଟାଡିୟମ୍ ନିର୍ମାଣ ସହ ଖେଳପଡ଼ିଆ ନିର୍ମାଣ କାର୍ଯ୍ୟର ପ୍ରକଳ୍ପ ତିଆରି କରି ସମସ୍ତଙ୍କ ପ୍ରଶଂସାଭାଜନ ହୋଇଥିଲେ। ଶିକ୍ଷୟିତ୍ରୀ ନିବେଦିତା ଖଣ୍ଟୁଆଳ ଧନ୍ୟବାଦ ଦେଇଥିଲେ। ନିଶିଗନ୍ଧା ପ୍ରିୟଦର୍ଶିନୀ, ପ୍ରିୟଙ୍କା ସାମଲ, କଲ୍ୟାଣୀ ଯାଦବ, ଦିବ୍ୟରଂଜନ ସେଠୀ, ସୁଶ୍ରୀ ଦାଶ, ନିଳିମା ପ୍ରିୟଦର୍ଶିନୀ, ଜ୍ଞାନରଂଜନ ସ୍ୱାଇଁ ଶ୍ରଦ୍ଧାଞ୍ଜଳି ଷଡ଼ଙ୍ଗୀ, ସୁଚିସ୍ମିତା ସାହୁ, ବନଶ୍ରୀ ସେଠୀ, ଅନଜାର ନକବି, ସଫିଉର ରହେମନ, ଆରତୀ ଆଚାର୍ଯ୍ୟ, ସ୍ୱାହା ନାୟକ, ସାନନ୍ଦ ଭୋଇ, ବିଚିତ୍ର ଷଡ଼ଙ୍ଗୀ, ପ୍ରଦୀପ୍ତ କୁମାର କବିଙ୍କ ସମେତ ବହୁ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ୩ ଏକର ଧାନ ଫସଲ ଜଳିଗଲା



ନେମାଳ,୧୦।୧(ସମିସ): ନେମାଳ ଥାନା ସାନ୍ତପୁର ଗ୍ରାମପଞ୍ଚାୟତ ଟଂହଁସ ଗହୀର ଧାନ ବିଲରେ ଅଚାନକ ନିଆଁ ଲାଗି ପାଖାପାଖି ୩ଏକର ଜମିରେ ଧାନ ଫସଲ ପୋଡି ପାଉଁଶ ହୋଇଯାଇଛି। ନିଶ୍ଚିନ୍ତକୋଇଲି ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ପ୍ରାୟ ୧କିଲୋମିଟର ଟଂହସ ଛକ, ମାଣିକପୁର, ଅରଖଦିଆ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ସୌଭାଗ୍ୟବସତ ବହୁ ଚାଷୀ ଧାନ କାଟି ଘରକୁ ନେଇ ଆସିଥିବା ବେଳେ ଟଂହଁସ ଗ୍ରାମର ବସନ୍ତ ମହାପାତ୍ର, ଗଣେଶ୍ୱର ରାଉତ, ଗୁରୁଚରଣ ରାଉତ, ନନ୍ଦକିଶୋର ସ୍ୱାଇଁ ଓ ପବିତ୍ର ବେହେରା ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ

ସାଲେପୁର,୧୦।୧(ସମିସ): ଅବସରପ୍ରାପ୍ତ କର୍ମଚାରୀ ସଂଘର ସପ୍ତମ ପ୍ରତିଷ୍ଠା ଦିବସ ଜପକୁଦ ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ନରେନ୍ଦ୍ରନାଥ ଶତପଥି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସଂସ୍କୃତ ପଣ୍ଡିତ ଡଃ ଗୌତମ ମହାରଣା ଯୋଗଦେଇଥିଲେ। ଏହି ସମାରୋହରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରୁ ଜଣେ ଜଣେ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଦୁଃଖି ଓ ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଶେଷରେ ସ୍ଥାନୀୟ ଶିଶୁମନ୍ଦିରର କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷିତ ହୋଇଥିଲା।

# ନିଗମାନନ୍ଦ ସରସ୍ୱତୀଙ୍କ ବାର୍ଷିକୋତ୍ସବରେ ନଗର ପରିକ୍ରମା

ନରସିଂହପୁର,୧୦।୧(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କେନ୍ଦୁପଲ୍ଲୀସ୍ଥିତ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ୧୨ତମ ବାର୍ଷିକ ଉତ୍ସବ ଅବସରରେ ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା, ପାରାଦ୍ୱୀପ, ରାହାମା, ବଡ଼ମ୍ବା, ଆଠଗଡ଼, କଟକ, ତାଳଚେର, ଅନୁଗୁଳ, ଗଣିଆ, ନୟାଗଡ଼, ସମ୍ବଲପୁର, ଢେଙ୍କାନାଳ ଆଦି ଅଞ୍ଚଳର ୨୦ଟି ଶାଖାର ଶତାଧିକ ସଦସ୍ୟ ଯୋଗ ଦେଇଛନ୍ତି। ନଗର ପରିକ୍ରମା ନରସିଂହପୁର ଟାଉନ ସମେତ ସମସ୍ତ ସାହିରେ ପରିକ୍ରମା କରିଥିଲା। ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର ପଟ୍ଟନାୟକ, ସମ୍ପାଦକ ସୁବଳ ବାରିକ, କୋଷାଧ୍ୟକ୍ଷ ଅଞ୍ଜନ ପ୍ରଧାନ, ରଞ୍ଜନ ପଟ୍ଟନାୟକଙ୍କ ସମେତ ଅନୁଷ୍ଠାନ ସହ ଜଡ଼ିତ ୪୮ଟି ପରିବାରର ଶତାଧିକ ଶ୍ରଦ୍ଧାଳୁ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ତିଗିରିଆ,୧୦।୧(ସମିସ): ତିଗିରିଆ ବ୍ଲକ ଜେମାଦେଇପୁର ପଞ୍ଚାୟତ ଜେମାଦେଇପୁର ଉଚ୍ଚବିଦ୍ୟାଳୟରେ ଗତ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଯାପନୀ ସଭାରେ ଅତିଥି ଭାବେ ପଞ୍ଚାୟତର ପୂର୍ବତନ ସରପଞ୍ଚ ମହେବୁବ ଅହେମଦ ଖାଁ ଓ ସମାଜସେବୀ ରାମଚନ୍ଦ୍ର ବାରିକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଜୟନ୍ତ ପାତ୍ର ଧନ୍ୟବାଦ ଦେଇଥିଲେ। କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ସମାରୋହ




ତିଗିରିଆ,୧୦।୧(ସମିସ): ତିଗିରିଆ ବ୍ଲକ ନୂଆପାଟଣା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃପୀଠ, ଦେହାଂଶ ପ୍ରତିଷ୍ଠା ଦିବସ ସହ ୪୨ତମ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତା ଓ କୋଷାଧ୍ୟକ୍ଷ ତଥା ମୁଖ୍ୟ ପରିଚାଳକ ମନୋଜ କୁମାର ଗୁଇଁଙ୍କ ସଂଯୋଜନାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ବିଶିଷ୍ଟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର ମହାରଣା, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସୁଦେଷ୍ଣା ନନ୍ଦ, ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ବିଜୟ ଲକ୍ଷ୍ମୀ ସାମଲ, ଜିଲ୍ଲା ଶ୍ରୀ ଅରବିନ୍ଦ ବିଦ୍ୟାଳୟ ସମୂହର ପାଠଚକ୍ର ବିଭାଗ ସଂଯୋଜକ ମାୟାଧର ସାହୁ, ଉପଖଣ୍ଡସ୍ତରୀୟ ସଂଯୋଜକ ପ୍ରତାପ ଜୁଜ୍ଜାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ନୂତନ ଭାବେ ଖୋଲାଯାଇଥିବା ପ୍ଲେ ସ୍କୁଲ ଶ୍ରେଣୀଗୃହକୁ ଅତିଥିମାନେ ଉଦଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ନିହାର ରଞ୍ଜନ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ସଚେତନଧର୍ମୀ ନାଟକ ପରିବେଷଣ କରାଯାଇଥିଲା। ଅବସରପ୍ରାପ୍ତ ଅଧକ୍ଷା ଡଃ ପୁଷ୍ପାଞ୍ଜଳି ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରେମ ନାଁରେ ପ୍ରତାରଣା; ଯୁବକ ଗିରଫ

ସାଲେପୁର,୧୦।୧(ସମିସ): ଜଣେ ଯୁବତୀକୁ ପ୍ରେମ ଜାଲରେ ଫସାଇ ତାକୁ ଗର୍ଭବତୀ କରିବା ଓ ଯୁବତୀ ଜଣକ ଏକ କନ୍ୟା ସନ୍ତାନ ଜନ୍ମ ଦେବା ପରେ ସଂପୃକ୍ତ ଯୁବକ ଜଣକ ତାକୁ ପ୍ରତାରଣା କରିବା ଅଭିଯୋଗରେ ସାଲେପୁର ପୁଲିସ ସଂପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଯାଜପୁର ଜିଲ୍ଲା ପୂବସାହି ଗ୍ରାମର ରବିନ୍ଦ୍ର ବଳଙ୍କ ପୁତ୍ର ସୁଶାନ୍ତ ବଳ (୨୬) କେନ୍ଦୁପାଟଣା ଝୋଟକଳରେ ଚାକିରି କରନ୍ତି। ଏଠାରେ ରହିବା ସମୟରେ ପ୍ରାୟ ୧ବର୍ଷ ତଳେ ଜଣେ ୨୦ବର୍ଷର ଯୁବତୀକୁ ନିଜର ପ୍ରେମ ଜାଲରେ ଫସାଇ ତାକୁ ଗର୍ଭବତୀ କରିବା ଓ ସଂପୃକ୍ତ ଯୁବତୀ ଜଣକ ଏକ କନ୍ୟା ସନ୍ତାନକୁ ଜନ୍ମ ଦେବାପରେ ସୁଶାନ୍ତ ତାଙ୍କୁ ବିବାହ କରିବାକୁ ରାଜି ନହୋଇ ପ୍ରତାରଣା କରିଥିଲେ। ଏହାନେଇ ଯୁବତୀ ଜଣକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନା କେସ୍ ନଂ-୬/୨୬ରେ ଏକ ମାମଲା ରୁଜୁ କରି ଆଇଆଇସି ଅନିତା ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଶେଷରେ ସୁଶାନ୍ତକୁ ଯାଜପୁର ଅଞ୍ଚଳରୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀମାଇନା ପରେ ସୁଶାନ୍ତକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ଶ୍ରୀମତୀ ସାହୁ ପ୍ରକାଶ କରିଛନ୍ତି।



■ ୩୫ତମ ଗଦାଧରପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଚୌଦ୍ୱାରକୁ ହରାଇ ସେମିରେ ମେଣ୍ଢାଶାଳ



ତିଗିରିଆ,୧୦।୧(ସମିସ): ତିଗିରିଆ ବ୍ଲକ ଗଦାଧରପୁର ଉଚ୍ଚବିଦ୍ୟାଳୟ ଖେଳପଡ଼ିଆରେ ମା' ଭବାନୀ ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୩୫ତମ ଗଦାଧରପୁର କପ କ୍ରିକେଟ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଚୌଦ୍ୱାରର ଜାକୋବିନ କ୍ରିକେଟ କ୍ଲବକୁ ୧୨୧ ରନରେ ପରାସ୍ତ କରି ଖୋର୍ଦ୍ଧା ମେଣ୍ଢାଶାଳର ଇଗଲ ସ୍ପୋର୍ଟିଂ କ୍ରିକେଟ କ୍ଲବ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ମେଣ୍ଢାଶାଳ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ଉଇକେଟ ହରାଇ ୨୮୪ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଚୌଦ୍ୱାର ଦଳ ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରିଥିଲେ। ବିଜୟୀ ମେଣ୍ଢାଶାଳ ଦଳର ଅରବିନ୍ଦ ସିଂହ ୪୩ ବଲରୁ ୧୦୦ ରନ ସଂଗ୍ରହ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଜେମାଦେଇପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ମେହେବୁବ ଅହମ୍ମଦ ଖାଁ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ନରେଶ ରାଉତ ଓ ରଶ୍ମିରଞ୍ଜନ ରାଉତ ପରିଚାଳନା କରିଥିଲେ। ଶରତ ରାଉତ ଖେଳର ଧାରା ବିବରଣୀ ଦେଇଥିଲେ।

ରାଜ୍ୟସ୍ତରୀୟ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଆଜି ମେଣ୍ଢାଶାଳ କ୍ଲବ୍-କୁମାରବସ୍ତ ଫାଇନାଲ୍




ଆଠଗଡ଼,୧୦।୧(ସମିସ): ଆଠଗଡ଼ ଭେଟେରାନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆଠଗଡ ଷ୍ଟାଡିୟମଠାରେ ଅନୁଷ୍ଠିତ ୨ୟ ରାଜ୍ୟସ୍ତରୀୟ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଜଗତସିଂହପୁର କ୍ରିକେଟ କ୍ଲବକୁ ୮ ଉଇକେଟରେ ପରାସ୍ତ କରି କୁମାରବସ୍ତ କ୍ରିକେଟ କ୍ଲବ ଖୋର୍ଦ୍ଧା ଫାଇନାଲକୁ ପ୍ରବେଶ କରିଛି। ଫଳରେ ରବିବାର ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚରେ ଖୋର୍ଦ୍ଧାର ଅନ୍ୟତମ ଦଳ ମେଣ୍ଢାଶାଳ କ୍ଲବକୁ ଭେଟିବ। ଟସ୍ ଜିତି ଜଗତସିଂହପୁର ଦଳ ପ୍ରଥମେ ବ୍ୟାଟିଂ କରି ରାକେଶ ସାହୁଙ୍କ ୪୦ବଲ୍‌ରୁ ୬୮ରନ୍ ସହାୟତାରେ ନିର୍ଦ୍ଧାରିତ ୨୦ଓଭରରେ ୯ ଉଇକେଟ ହରାଇ ୧୫୪ରନ୍ ସଂଗ୍ରହ କରିଥିଲେ। କୁମାରବସ୍ତ ଦଳ ପକ୍ଷରୁ ନିରଞ୍ଜନ ବେହେରା ୨୧ରନ୍ ଦେଇ ୩ଟି ଉଇକେଟ ଓ ଚାମୁଣ୍ଡା ଶିବା ୧୬ ରନ୍ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ। ପରେ ୧୫୫ ରନର ଲକ୍ଷ ନେଇ କୁମାରବସ୍ତ ଦଳ ବ୍ୟାଟିଂ ଆରମ୍ଭ କରି ୨ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ପ୍ରଦୀପ ରାଉତଙ୍କ ୪୦ଟି ବଲ୍‌ରୁ ୯୧ ରନ୍ ଓ ଉତ୍ତମ ମହାନ୍ତିଙ୍କର ୨୮ବଲ୍‌ରୁ ୫୬ରନ ସହାୟତାରେ ୧୧.୫ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ୧୫୫ରନ୍ ସଂଗ୍ରହ କରିବା ସହିତ ୮ ଉଇକେଟରେ ବିଜୟୀ ହୋଇଥିଲେ। କୁମାରବସ୍ତ ଦଳର ପ୍ରଦୀପ ରାଉତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆମ୍ପାୟାର ଭାବେ ଅଲୁପ ଦାଶ ଓ ଏମ୍.ଡି ସୂରଜ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ତଥା ଲକ୍ଷ୍ମଣ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ସୁବ୍ରତ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଆଠଗଡ କ୍ରୀଡା ସଂସଦର ସମ୍ପାଦକ ସୋମନାଥ ଭକ୍ତା ଯୋଗ ଦେଇଥିଲେ। ମ୍ୟାଚ ଶେଷରେ ଜ୍ୟୋତି ମୋଟର୍ସ ଭୁବନେଶ୍ୱର ଆଞ୍ଚଳିକ ପରିଚାଳକ ସୂର୍ଯ୍ୟନାରାୟଣ ମହାପାତ୍ର ଓ ଶିବନାରାୟଣ ପ୍ରଧାନ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ଓରିକଣ୍ଟା ବିଦ୍ୟୁତ ସେକ୍ସନ ଉପଭୋକ୍ତା ସଂଘ ଗଠିତ



ନେମାଳ, ୧୦।୧(ସମିସ): ଟାଟା ପାୱାର ଉପଭୋକ୍ତାଙ୍କୁ ଶୋଷଣ କରିବା ପ୍ରତିବାଦରେ ଓରିକଣ୍ଟା ବିଦ୍ୟୁତ ସେକ୍ସନ ଅଧୀନରେ ସମସ୍ତ ଉପଭୋକ୍ତା ଏକ ହେବାକୁ ସାଲେପୁର ଡିଭିଜନ ଉପଭୋକ୍ତା ସଂଘର ସଭାପତି ନନ୍ଦକିଶୋର ଭୂୟାଁ ଆହ୍ୱାନ ଦେଇଛନ୍ତି। ନେମାଳଠାରେ ଆୟୋଜିତ ଏକ ସଭାରେ ଓରିକଣ୍ଟା ବିଦ୍ୟୁତ ସେକ୍ସନର ଶତାଧିକ ଉପଭୋକ୍ତା ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ଏହି ଅବସରରେ ନିଶ୍ଚିନ୍ତକୋଇଲି ବିଦ୍ୟୁତ ଉପଖଣ୍ଡ ଉପଭୋକ୍ତା ସଂଘର ଆବାହକ ରମାକାନ୍ତ ବେହେରାଙ୍କ ଆବାହକତ୍ୱରେ ଓରିକଣ୍ଟା ବିଦ୍ୟୁତ ସେକ୍ସନ ଉପଭୋକ୍ତା ସଂଘ ଗଠିତ ହୋଇଥିଲା।

# ଜିଲ୍ଲା ବିଜେପିର ଭିବି ଜି-ରାମ୍-ଜି ସମୀକ୍ଷା




କଟକ,୧୦।୧ (ସମିସ):

ବିକଶିତ ଭାରତ ଗଠନରେ ରୋଜଗାର ଏବଂ ଆଜିବିକା ମିଶନ ଗ୍ରାମୀଣ (ଭିବି.ଜି-ରାମ୍-ଜି.) ବିଲ୍‌ର ଲକ୍ଷ୍ୟ ଉପରେ କଟକ ଜିଲ୍ଲା ବିଜେପି ଦ୍ୱାରା ସମୀକ୍ଷା ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ପୂର୍ବରୁ ମନରେଗାରେ ମାହାତ୍ମା ଗାନ୍ଧୀଙ୍କ ନାମ ବ୍ୟବହାର କରି ମନରେଗାରେ ବିଭିନ୍ନ ରାଜ୍ୟରେ ଦୁର୍ନୀତିରେ ବିରୋଧୀ ଲିପ୍ତ ରହିଥିଲେ ଦଳ ବୋଲି ଶ୍ରୀଯୁକ୍ତ ସେଠୀ କହିଥିଲେ। ମନରେଗାରେ ଥିବା ୧୦୦ଦିନ କାର୍ଯ୍ୟ ବଦଳରେ ଭିବି.ଜି.-ରାମ୍.ଜି ବିଲ୍‌ରେ ୧୨୫ ଦିନର ରୋଜଗାର ସୁନିଶ୍ଚିତ ସହ ଦୁର୍ନୀତିମୁକ୍ତ ପ୍ରକଳ୍ପରେ ଉଭୟ କେନ୍ଦ୍ର ଓ ରାଜ୍ୟର ଦାୟିତ୍ୱବୋଧ ରହିବ। ଭାରତର ପୂର୍ବ ରାଜ୍ୟଗୁଡିକ ପାଇଁ ୯୦:୧୦, କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୧୦୦ ପ୍ରତିଶତ, ଅନ୍ୟ ରାଜ୍ୟଗୁଡିକରେ କେନ୍ଦ୍ର ସରକାର ୬୦ ପ୍ରତିଶତ ଏବଂ ରାଜ୍ୟ ସରକାରଙ୍କ ୪୦ ପ୍ରତିଶତ ଭାଗିଦାରୀ ରହିବ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେପି ସାଧାରଣ ସଂପାଦକ ସ୍ମୃତିରଞ୍ଜନ ମିଶ୍ର ସଞ୍ଚାଳନ କରିଥିବାବେଳେ ଜିଲ୍ଲା ବିଜେପି ସାଧାରଣ ସଂପାଦକ ଅଶୋକ ସାହୁ, ଉପସଭାପତି ସୁନୀଲ ଦ୍ୱିବେଦୀ, ଭାଗୀରଥି ଦଳାଇ, ଜିଲ୍ଲା ସଂପାଦକ ସ୍ୱାଧୀନ ମହାନ୍ତି, ନିତାଇ ଗୌର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



(ରଘୁନାଥ ପୁର, ମେଇନ ରୋଡ଼, ଜାତୀୟ ରାଜପଥ ୧୬ ନମ୍ବର, ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ, ଛତ୍ରପୁର ବ୍ଲକ)
କୁହନ୍ତି ପିତା, ସ୍ୱର୍ଗ ହେଲେ, ତୁମେ ସ୍ୱର୍ଗଠୁ ବି ବଡ। ତୁମର ନୀତି ଆଦର୍ଶ ଆମମାନଙ୍କ ପରିଚୟ। ଆର ପାରିରେ ରହି ତୁମେ ଆମକୁ ସାହସ ଧୈର୍ଯ୍ୟ ଏବଂ ଆଶିର୍ବାଦ ଦେଉଥିବ। ଏହା ଆଶା। ଯେଉଁଠି ବି ଥାଅ, ତୁମର ଆତ୍ମା ସଦଗତି କାମ କରି ପ୍ରଭୁ ଜଗନ୍ନାଥଙ୍କ ନିକଟ ପ୍ରାର୍ଥନା।

ଶୋକ ସନ୍ତପ୍ତ: ସାହୁ ପରିବାର

ଧର୍ମ ପତ୍ନୀ: ସରସ୍ୱତୀ, ପୁତ୍ର: ସୂର୍ଯ୍ୟ ନାରାୟଣ, ମହେନ୍ଦ୍ର, ବୋହୂ: ନିରାଜା, ତନୁଜା, ଝିଅ: ପ୍ରମିଳା, ଧରିତ୍ରୀ, ରେଣୁ ବାଳା, ଜ୍ୱାଇଁ: ଯୁଧିଷ୍ଠିର, ଭୀମସେନ, ଅରୁଣ ଏବଂ ନାତିନାତୁଣୀ: ଟିକି, ଚିଙ୍କୁ, ବନି, ଶନି, ସନତ,ଚିଣ୍ଟୁ, ଓମ୍, ପ୍ରେମ, ଅସ୍ମିତ, ଅନସୁ, ପିଙ୍କୁ ଓ ପରିବାର ବନ୍ଧୁ ବର୍ଗ, ସାଙ୍ଗ ସାଥୀ ଗ୍ରାମବାସୀ ବୃନ୍ଦ।

ଂ ଗଣପତି ସାହୁ
(ବିଶିଷ୍ଟ ସମାଜସେବୀ ତଥା ତାରାତାରିଣୀ ରାଇସ ମିଲ ମାଲିକ)
ଆବିର୍ଭାବ: ୧୯୪୧
ତିରୋଧାନ: ୩୧.୧୨.୨୦୨୫

# କଟକ ସିଟି



## ଜନବିରୋଧୀ ନୀତିକୁ କଟକ ନଗର କଂଗ୍ରେସର ସମାଲୋଚନା




**କଟକ,୧୦ ।୧(ସମିସ):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଏହାକୁ ସମ୍ପୂର୍ଣ୍ଣ 'ଜନବିରୋଧୀ' ବୋଲି ନଗର କଂଗ୍ରେସ ପକ୍ଷରୁ ଅଭିହିତ କରାଯାଇଛି। ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ନଗର ସଭାପତି ଗିରିବାଳା ବେହେରା ଓ ଅନ୍ୟ ନେତୃବୃନ୍ଦ ଗରିବ ଲୋକଙ୍କ ଜୀବିକାର ପ୍ରମୁଖ ମାଧ୍ୟମ ସାଜିଥିବା 'ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା'କୁ ଯୋଜନାବଦ୍ଧ ଭାବେ ଉଚ୍ଛେଦ କରାଯିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ସେହିପରି ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ସେ ଅଭିଯୋଗ କରିଛନ୍ତି। ମଣ୍ଡିଗୁଡ଼ିକରେ ଅବ୍ୟବସ୍ଥା ଯୋଗୁଁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଏବଂ ପ୍ରକୃତ ହିତାଧିକାରୀଙ୍କ ପାଖକୁ ସୁଫଳ ପହଞ୍ଚି ପାରୁନାହିଁ। ଟାଟା ପାୱାର ନିଜର ମନମାନି ଚଳାଇ ଖାଉଟିମାନଙ୍କୁ ଶୋଷଣ କରୁଛି। ବିନା ସୂଚନାରେ ବିଦ୍ୟୁତ କାଟ ଏବଂ ଆଖିବୁଜା ବିଲ୍ ଦ୍ୱାରା ସାଧାରଣ ଜନତା ଅତିଷ୍ଠ ହୋଇପଡ଼ିଲେଣି। ଅତିରିକ୍ତ ଜମା ରାଶି ମାଧ୍ୟମରେ ଲୋକଙ୍କୁ ଲୁଟ କରାଯାଉଛି। ସରକାରୀ ସ୍ତରରେ ବିଭିନ୍ନ ମାଧ୍ୟମରେ ସରକାର ବିରୋଧୀ ଭୋଟ୍‌କୁ କାଟିଦେବା। କର୍ପୋରେଟର ଲିଜା ରାଉତ, ସ୍ୱର୍ଣ୍ଣପ୍ରଭା ପସାୟତ ଓ ଜନାର୍ଦ୍ଦନ ପରିଡା, ବରିଷ୍ଠ କଂଗ୍ରେସ ନେତା କମଲେସ ସାଗର, ଗୌରୀ ଦାସ, ବିକି ଚକ୍ରବର୍ତ୍ତୀ, ସୁରଜିତ ସାହୁ, ପ୍ରଭାତୀ ପଟ୍ଟନାୟକ, ଅନିତା ବେହେରା, ମାମାନି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୧୪ରେ ମକର ସଂକ୍ରାନ୍ତି: ପୁଲିସ ଗଢ଼ିଲା ସ୍ୱତନ୍ତ୍ର ସ୍କ୍ୱାଡ

# ନିଷିଦ୍ଧ ମାଞ୍ଜାସୂତାରେ ଗୁଡ଼ି ଉଡ଼ାଇଲେ ଗିରଫ କରିବ ପୁଲିସ

**କଟକ,୧୦ ।୧(ସମିସ):**

ମକରସଂକ୍ରାନ୍ତି ଉପଲକ୍ଷେ ସହରର ବିଭିନ୍ନ ସ୍ଥାନରେ ହେବ ଗୁଡ଼ି ଉଡ଼ା ପ୍ରତିଯୋଗିତା। କଟକ ସହରର ବିଭିନ୍ନ ଅଞ୍ଚଳରେ ଗୁଡ଼ି ଉଡ଼ାଇବା ଜୋରଦାର କରାଯିବ। ଏଠାରେ ଯୁବବର୍ଗଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଗୁଡ଼ି ଉଡାନ୍ତି। ପୂର୍ବବର୍ଷ ବର୍ଷଗୁଡ଼ିକରେ ଏହି ଗୁଡ଼ି ଉଡ଼ା ଯୋଗୁଁ ଅନେକ ଅଘଟଣ ଘଟିଛି। କେତେବେଳେ କାହାର ବେକ କଟିଛି ତ କିଏ ଗାଡିରୁ ପଡ଼ି ଗୁରୁତର ହୋଇଛି। ଏଭଳି ପରିସ୍ଥିତିରେ ନିଷିଦ୍ଧ ମାଞ୍ଜା ସୂତାକୁ କମିସନରେଟ୍ ପୁଲିସ ସମ୍ପୂର୍ଣ୍ଣ ବାରଣ କରିଥିବା ବେଳେ ବିପଦସଙ୍କୁଳ ସ୍ଥାନରେ ଗୁଡ଼ି ଉଡାଇବାକୁ ବାରଣ କରାଯାଇଛି। ଆସନ୍ତାକାଲିଠାରୁ ପୁଣି ଥରେ ସହରର ଗୁଡି ଦୋକାନଗୁଡ଼ିକରେ ଚଢଉ କରାଯିବ ଏବଂ କଟକ ସହରରେ ଏହି ଚଢ଼ଉ ଜାରି ରହିବ ବୋଲି ପୁଲିସ କମିସନର ଏସ୍. ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। ପୁଲିସ ପକ୍ଷରୁ ଥାନାୱାରୀ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଏହି ସ୍କ୍ୱାଡ୍ ବିଭିନ୍ନ ଦୋକାନ ଏବଂ ସ୍ଥାନୀୟ ଅଞ୍ଚଳରେ ମାଞ୍ଜାସୂତା ବ୍ୟବହାର କରି ଗୁଡି ଉଡାଉଥିବା ବ୍ୟକ୍ତିବିଶେଷଙ୍କ ଉପରେ ଦୃଷ୍ଟି ଦେବ ବୋଲି ସିପି ଶ୍ରୀ ସିଂ କହିଛନ୍ତି। ଯେଉଁମାନେ ନିଷିଦ୍ଧ ମାଞ୍ଜା ସୂତା ବ୍ୟବହାର କରି ବିପଦସଙ୍କୁଳ ସ୍ଥାନରେ ଗୁଡି ଉଡ଼ାଇବେ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏଠାରେ ସୂଚନାଯୋଗ୍ୟ, ଆଉ ମାତ୍ର ୩ ଦିନ ପରେ




ମକରସଂକ୍ରାନ୍ତି ପାଳନ ହେବାକୁ ଥିବା ବେଳେ ଏବେଠାରୁ ସହରରେ ମାଳ ମାଳ ଗୁଡି ଉଡ଼ା ଆରମ୍ଭ ହେଲାଣି। ଏପରିକି ଗୁଡି ଉଡା ଲାଗି ମାଞ୍ଜା ସୂତା ଉପରେ ସମ୍ପୂର୍ଣ୍ଣ ଭାବେ କଟକଣା ରହିଛି। ତଥାପି ଏହି ବିପଦଜନକ ମାଞ୍ଜା ସୂତାର ବ୍ୟବହାର ଯୋଗୁ ଅନେକ ଲୋକଙ୍କ ପାଇଁ ଏହା ବିପଦ ଆଣୁଛି। ବହୁ ଲୋକେ ଛାତ ଉପରେ କିମ୍ବା ଜନଗହଳିପୂର୍ଣ୍ଣ ସ୍ଥାନରେ ଛିଡା ହୋଇ ଗୁଡି ଉଡ଼ାଇଥାନ୍ତି। ଏପରିକି ଗୁଡି ଉଡାଇବା ଲାଗି ପ୍ରତିଯୋଗିତା ମଧ୍ୟ ବିଭିନ୍ନ ସ୍ଥାନରେ ହୋଇଥାଏ। ଗୁଡି ଉଡାଇବା ବେଳେ ପ୍ରତିପକ୍ଷର ଗୁଡି ସୂତାକୁ କିପରି କଟାଯିବ ଏହା ଉପରେ ଗୁରୁତ୍ୱ ଦେଇଥାନ୍ତି। ତେଣୁ ମାଞ୍ଜା ସୂତା ଅଧିକ ଶକ୍ତ ହୋଇଥିବାରୁ ଏହାକୁ ବ୍ୟବହାର କରାଯାଇଥାଏ। ଏହି ସୂତାରେ କ୍ଷତିକାରକ କାଚଗୁଣ୍ଡ ଓ ପ୍ଲାଷ୍ଟିକ୍‌ର ଆବରଣ ରହିଥାଏ। ଯାହା ଅନ୍ୟ ଗୁଡି ସୂତାକୁ କାଟିବାରେ ସହାୟକ ହୋଇଥାଏ। ତେବେ ପ୍ରତିଯୋଗିତା ବେଳେ ଗୁଡି ସୂତା କଟିଯାଉଥିବା ବେଳେ ଏହି ସୂତା ଘର, ଗଛ କିମ୍ବା ରାସ୍ତାର ବିଭନ୍ନ ସ୍ଥାନରେ ଖେଳେଇ ହୋଇ ପଡିଥାଏ। ଫଳରେ ଜନସାଧାରଣଙ୍କ ଦେହରେ ଏହି ସୁତା ଗୁଡାଇ ହୋଇ କ୍ଷତି ପହଞ୍ଚାଇଥାଏ। ଏପରିକି ବିପଦଜନକ ମାଞ୍ଜାସୂତା ବେକରେ ଓ ହାତରେ ଗୁଡ଼ାଇ ହୋଇ କ୍ଷତ ସୃଷ୍ଟି କରିଥାଏ। ଅତୀତରେ ମାଞ୍ଜା ସୂତା ବେକରେ ଗୁଡ଼ାଇ ହୋଇ ଲୋକଙ୍କ ମୃତ୍ୟୁ ଘଟିଥିବା ନଜିର୍ ରହିଛି। ତେଣୁ ସିଏମ୍‌ସି, ପୁଲିସ ଓ ପ୍ରଶାସନ ଏବେଠାରୁ ମାଞ୍ଜା ସୂତାକୁ ନିଷିଦ୍ଧ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ପୂର୍ବବର୍ଷ ଗୁଡ଼ିକରେ ପଶ୍ଚିମବଙ୍ଗ ଅଞ୍ଚଳରୁ ମାଞ୍ଜା ସୂତା ଅଣାଯାଇ କଟକର ଚୌଧୁରୀବଜାର ସମେତ କେତେକ ସ୍ଥାନରେ ଏହା ବିକ୍ରି କରାଯାଉଥିବା ଦେଖିବାକୁ ମିଳିଥିଲା। ଏପରିକି ଅନ୍‌ଲାଇନ୍‌ରେ ମଧ୍ୟ ଏହି ସୂତା ବିକ୍ରି କରାଯାଉଛି। ହେଲେ ଚଳିତ ବର୍ଷ ଏହି କଟକଣାକୁ କଡାକଡି କରାଯାଉଛି। ପ୍ରତ୍ୟେକ ଥାନାକୁ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ମାଞ୍ଜା ସୂତା, ଗୁଡି ଏବଂ ନଟେଇ ଜବତ କରିବା ନିମନ୍ତେ କୁହାଯାଇଛି।

ଅନ୍ୟପକ୍ଷରେ ୨୦୧୬ ମସିହାରେ ହାଇକୋର୍ଟ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମାଞ୍ଜା ସୂତାର ବ୍ୟବହାର ଓ ଗୁଡି ଉଡା ଉପରେ କଟକଣା ଲଗାଯାଇଥିଲା। ମାଞ୍ଜା ସୂତାକୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରାଯାଇଥିଲା। ଏହି ସୂତା ବିକ୍ରି କଲେ କିମ୍ବା ଗୁଡିରେ ବ୍ୟବହାର କଲେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ନିୟମ ହୋଇଥିଲା। ଏପରରିକି ଜନଗହଳି ପୂର୍ଣ୍ଣ ସ୍ଥାନ କିମ୍ବା ଘରର ଛାତ ଉପରେ ଗୁଡି ଉଡ଼ା ଉପରେ କଟକଣା ଜାରି କରାଯାଇଥିଲା। ଛାତ ଉପରେ କିମ୍ବା ରାସ୍ତାରେ ଛିଡା ହୋଇ ଗୁଡି ଉଡାଇଲେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଖେଳପଡିଆ, ନଦୀବାଲି କିମ୍ବା ଫାଙ୍କା ସ୍ଥାନରେ କଟନ ସୂତା ବ୍ୟବହାର କରି ଗୁଡି ଉଡାଇବାକୁ ଅଦାଲତ ଗୁରୁତ୍ୱାରୋପ କରିଥିଲେ। ମାତ୍ର ଅଦାଲତଙ୍କ ଏହି ନିର୍ଦ୍ଦେଶନାମା ଠିକ୍ ଭାବେ ପାଳନ କରାଯାଉ ନାହିଁ। ବହୁ ବ୍ୟବସାୟୀ ମାଞ୍ଜା ସୂତା ଅବାଧରେ ବିକ୍ରି କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୁଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି।

## ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କୁ ଶୋକାଞ୍ଜଳି



**କଟକ,୧୦ ।୧(ସମିସ):** ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କ ସ୍ମୃତିରେ ଏକ ଶୋକସଭାରେ କଟକର ଇଲେକ୍ଟ୍ରୋନିକ୍ସ ଓ ପ୍ରିଣ୍ଟ ମିଡିଆର ପ୍ରତିନିଧି ବାଲିଯାତ୍ରା ପଡ଼ିଆରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ମୃତିଚାରଣ କରିଛନ୍ତି। ଏହାସହ ରାଜ୍ୟ ସରକାର ଶୀଳାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦେବା ପାଇଁ କଟକର ସାମ୍ବାଦିକମାନେ ଦାବି କରିଛନ୍ତି। ଏହି ଅବସରରେ ଶୀଳାଙ୍କ ସ୍ମୃତିରେ ସାମ୍ବାଦିକା ଶୀଳା ପଟ୍ଟନାୟକ ସ୍ମୃତି ସମ୍ମାନ ଆରମ୍ଭ କରିବା ପାଇଁ କଟକର ସାମ୍ବାଦିକମାନେ ନିଷ୍ପତ୍ତି ନେଇଛନ୍ତି। ପ୍ରତିବର୍ଷ ଜାନୁଆରୀ ୬ତାରିଖରେ ଶୀଳାଙ୍କ ସ୍ମୃତିରେ କଟକରେ ଏକ କାର୍ଯ୍ୟକ୍ରମ ଆୟୋଜନ କରି ରାଜ୍ୟର ଜଣେ ପ୍ରତିଭାବାନ ମହିଳା ସାମ୍ବାଦିକଙ୍କୁ ସମ୍ମାନିତ କରିବା ସହ ଆର୍ଥିକ ପ୍ରୋତ୍ସାହନ ଦେବା ପାଇଁ ଏହି ସ୍ମୃତି ସଭାରେ ସ୍ଥିର କରାଯାଇଛି। ସ୍ମୃତିସଭାରେ ସାମ୍ବାଦିକ ଦୀପକ ଷଡ଼ଙ୍ଗୀ, ଅଜୟ ଦାସ, ପ୍ରଫୁଲ୍ଲ ମହାନ୍ତି, ନଭେସ ମହାନ୍ତି, ଭରତ ମହାରଣା, ଦେବୀପ୍ରସାଦ ମହାନ୍ତି, ଦିପେସ ମହାପାତ୍ର, ଜୟ ମହାନ୍ତି, ନାରାୟଣ ସିହ୍ନା, ନୟରଣ ସାହୁ, ଜିତେନ୍ଦ୍ର କୁମାର, ଦେବାଶିଷ ମହାନ୍ତି , ଆରିତ୍ ମହାପାତ୍ର, ବିଶ୍ୱଜିତ୍ ମହାନ୍ତି, ପ୍ରବୀଣ ପ୍ରଧାନ, ମନୋଜ ସ୍ୱାଇଁ, ପ୍ରଦୀପ୍ତ ବେହେରା, ଦେବବ୍ରତ ସ୍ୱାଇଁ, ଲଳିତ ଦାସ, ସ୍ୱଙ୍ଗ ମହାନ୍ତି, ପ୍ରମୋଦ ସାମନ୍ତରାୟ, ଜୟଦେବ ପାଣି, ଶୁଭ୍ରାଂଶୁ ମହାରଣା, ପ୍ରଭାତ ବିଶୋଇ ଜଗନ୍ନାଥ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

### ଜିଲ୍ଲାରେ ଧାନ ସଂଗ୍ରହରେ ଅବ୍ୟବସ୍ଥା

## ଅଖାରେ ସାଢ଼େ ୩୭ କିଲୋ ଧାନ ଭର୍ତ୍ତି ନେଇ ଚାଷୀ ଅସନ୍ତୋଷ

**କଟକ,୧୦ ।୧(ସମିସ):** କଟକ ଜିଲ୍ଲାରେ ଧାନ ସଂଗ୍ରହରେ ଦେଖାଦେଇଛି ବ୍ୟାପକ ଅବ୍ୟବସ୍ଥା। ସରକାରୀ ନିଷ୍ପତ୍ତି ମୁତାବକ ଡିସେମ୍ବର ୨ୟ ସପ୍ତାହରେ ସେବା ସମବାୟ ସମିତିଗୁଡିକରେ ମଣ୍ଡି ଖୋଲାଯିବାର ନିଷ୍ପତ୍ତି ହୋଇଥିଲା; ହେଲେ ଆଜି ସୁଦ୍ଧା ହାତଗଣତି ମଣ୍ଡି କାର୍ଯ୍ୟକ୍ଷମ ହୋଇଥିଲା ବେଳେ ବାକି ମଣ୍ଡି ହୋଇପାରିଲା ନାହିଁ। ଫଳରେ ଚାଷୀମାନେ ଅଭାବୀ ବିକ୍ରି ଆରମ୍ଭ କରିବାକୁ ବାଧ୍ୟ ହୋଇଛନ୍ତି ବୋଲି ଓଡିଶା କୃଷକ ସଭା, କଟକ ଜିଲ୍ଲା କମିଟି ଅଭିଯୋଗ କରିଛି। ଚାଷୀଙ୍କୁ ଖୋଟ ଅଖାରେ ୩୭ କିଲୋ ୫୦୦ ଓଜନର ଧାନ ଆଣିବାକୁ ସମିତିଗୁଡିକ ପକ୍ଷରୁ କୁହାଯିବା ନେଇ ଚାଷୀ କ୍ଷୁବ୍ଧ ହୋଇଛନ୍ତି। ଧାନ ବସ୍ତା ଗୁଡିକରେ ୩୭କିଲୋ ୫୦୦ଗ୍ରାମ ଧାନ ଭର୍ତ୍ତି କରିକରି ଆଣିବାକୁ ଯେଉଁ କଥା ସମିତିଗୁଡିକ ତରଫରୁ କୁହାଯାଉଛି, ତାହା ଅବାସ୍ତବ ଅଟେ। ଜିଲ୍ଲା ସଭାପତି ବିଷ୍ଣୁ ବେହେରା, ସମ୍ପାଦକ, ଡମ୍ବରୁଧର ସାହୁ, ଟାଙ୍ଗୀ ବ୍ଲକ ସଭାପତି ରମେଶ ବେହରାଙ୍କ ଜିଲ୍ଲପାଳଙ୍କୁ ସାକ୍ଷାତ କରି ଦାବି କରିଛନ୍ତି। ମଣ୍ଡିରେ ବସିବା ଓ ପାନୀୟଜଳର ବ୍ୟବସ୍ଥା କରାଯିବା, ମିଲରମାନେ ମନମୁଖୀ ଭାବେ ଧାନ କାଟିବା ବନ୍ଦ କରିବା ଓ ପ୍ରତି ମଣ୍ଡିରେ ସପ୍ତାହକୁ ଦୁଇ ଦିନ ଧାନ ସଂଗ୍ରହ ପାଇଁ ଦାବି ହୋଇଛି।

## ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା

**କଟକ,୧୦ ।୧(ସମିସ):** କଟକ ମହାବିଦ୍ୟାଳୟର କର୍ମଚାରୀ ତଥା ନିୟମିତ ରକ୍ତଦାତା ଭାବେ ପରିଚିତ ନାରାୟଣ ମହାରଣା ରକ୍ତଦାନ କରି ଅନେକେ ଅମୂଲ୍ୟ ଜୀବନ ରକ୍ଷାରେ ସହାୟକ ହୋଇଛନ୍ତି। କଟକ କଲେଜରେ ଆୟୋଜିତ ରକ୍ତଦାନ ଶିବିରରେ କଲେଜ ରେଡକ୍ରସ୍ ପକ୍ଷରୁ ଅଧ୍ୟକ୍ଷା ଡକ୍ଟର ଶୁଭଦର୍ଶିନୀ ମହାନ୍ତି ଶ୍ରୀ ମହାରଣାଙ୍କୁ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ରେଡକ୍ରସ ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ରଘୁନାଥ ବେହୁରା, ସୁରପ୍ରସାଦ ତ୍ରିପାଠୀ, ଡକ୍ଟର ରୁନୁବାଳା ମହାରଣା, ରେଡ୍‌କ୍ରସ୍ ଅଧିକାରୀ କୁମାର ପ୍ରଦୀପ୍ତ ମିଶ୍ର, ଅଧ୍ୟାପିକା ଡକ୍ଟର ବନ୍ଦନା ସ୍ୱାଇଁ, ଅଧ୍ୟାପକ ଡକ୍ଟର ଦେବେନ୍ଦ୍ର ଓଝା, ଅଧ୍ୟାପକ ମଣ୍ଟୁ ଜେନା, ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡାଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।




## ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେଙ୍କର ଜୟନ୍ତୀ

**କଟକ,୧୦ ।୧(ସମିସ):** ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେଙ୍କର ୬୮ତମ ଜୟନ୍ତୀ ସମୀର ଦେ ମେମୋରିଆଲ ଟ୍ରଷ୍ଟ ତରଫରୁ ପାଳିତ ହୋଇଯାଇଛି। ସେକ୍ଟର-୧୦ସ୍ଥିତ ସମୀର ଦେ ପାର୍କରେ ମାଲ୍ୟାର୍ପଣ ସହିତ ସ୍ମୃତିସଭା କରାଯାଇଥିଲା। ସହରର ବହୁ ବିଶିଷ୍ଟ ନେତା ଓ ମୁରବୀ ସମୀର ଦେଙ୍କର ସ୍ମୃତିଚାରଣ କରିବା ସହିତ ଜନସାଧାରଣଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ମଧ୍ୟାହ୍ନରେ ବିଡାନାସୀସ୍ଥିତ ଏକ ମହିଳା ଆଶ୍ରମରେ ଅନ୍ତେବାସୀଙ୍କୁ ଭୋଜନ ସହ ବସ୍ତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ଦେଙ୍କର ଧର୍ମପତ୍ନୀ ଡକ୍ଟର ଦୀପିକା ଦତ୍ତରାୟ ଏବଂ କନ୍ୟା ଡକ୍ଟର ଶିଳ୍ପୀ ଦେଙ୍କ ସମେତ ମ୍ୟାନେଜିଂ ଟ୍ରଷ୍ଟି ଦୁର୍ଯ୍ୟୋଧନ ଲେଙ୍କା, ସଜ୍ଜନ ଶର୍ମା, ବିଜେପି ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ଜ୍ୟୋତିପ୍ରକାଶ ଘୋଷ, ରଜନୀ ଦାସ, ନରେଶ ସାହୁ, ଦେବାଶିଷ ଘୋଷ, ଲଲାଟେନ୍ଦୁ ବଡୁ, ଆଡଭୋକେଟ ସଉରିଚନ୍ଦ୍ର ମହାପାତ୍ର, ମହମ୍ମଦ ମୋକିମ୍, ଦୀପକ ମହାନ୍ତି, ଦେବବ୍ରତ ଦତ୍ତରାୟ, ଭବାନୀ ମିଶ୍ର, ଇନ୍ଦ୍ରଜିତ୍ ସେନଗୁପ୍ତ, ୱାର୍ଡ ନମ୍ବର ୩ ବିଜେପି ନେତା ଦେବାଶିଷ ସାମନ୍ତରାୟ, ସୁରଜିତ ଦେ ପ୍ରମୁଖ ଯୋଗଦେଇଥିଲେ।





ସେହିଭଳି ଭାରତମାତା ପୂଜନ ସମିତିର ମୁଖ୍ୟ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ସମୀର ଦେ'ଙ୍କ ଜନ୍ମ-ଜୟନ୍ତୀ ପାଳନ କରାଯାଇଛି। ରିଂ-ରୋଡ ସିଡିଏସ୍ଥିତ ଭାରତମାତା ମନ୍ଦିର ପରିସରରେ ସ୍ଥାପିତ କରାଯାଇଥିବା ସ୍ୱର୍ଗତଃ ଦେ'ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତଃ ଦେ'ଙ୍କ ଧର୍ମପତ୍ନୀ ଡା. ଦୀପିକା ଦତ୍ତରାୟ, ପୂଜନ ସମିତିର ସଭାପତି ଭିକାରୀ ଦାସ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁଙ୍କ ସମେତ କଟକ ମହାନଗର ଶାନ୍ତି କମିଟି ସଭାପତି ତଥା ୭୨ ସଂକୀର୍ତ୍ତନ ମଣ୍ଡଳୀ ସର୍ବାଧିକାରୀ ଦେବେନ୍ଦ୍ରନାଥ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପକୁମାର ସିହ୍ନା, ଉପସଭାପତି ତାପସକୁମାର ପ୍ରହରାଜ ଓ ରବୀନ୍ଦ୍ରକୁମାର ବେହେରା, ୨୨ ଦିଗଭାଗ ସର୍ବାଧିକାରୀ ସୁବାସଚନ୍ଦ୍ର ସାହୁ, ନଦୀୟା ସଂକୀର୍ତ୍ତନ ମହାମଣ୍ଡଳର ସର୍ବକଟୁଆଳ କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ବିଜେପି. ନେତା ଶ୍ରୀତମ ଦାସ, ଗୀତାରାଣୀ ଦାସ, ଭବାନୀପ୍ରସାଦ ମିଶ୍ରଙ୍କ ସମେତ ଶତାଧିକ ସଭ୍ୟସଭ୍ୟାମାନେ ସ୍ୱର୍ଗତ ଦେ'ଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ମାରିଜୁଆନା ଜବତ ମାମଲା

## ଗିରଫ ଫାର୍ମାସୀ ଛାତ୍ରଙ୍କୁ ହାଇକୋର୍ଟଙ୍କ ଜାମିନ

**କଟକ, ୧୦।୧(ସମିସ):** 'ହାଇଡ୍ରୋପୋନିକ୍ ୱିଡ୍' ବା ମାରିଜୁଆନା ରଖିବା ଅଭିଯୋଗରେ ଗିରଫ ହୋଇଥିବା ଜଣେ ଫାର୍ମାସୀ ଛାତ୍ରଙ୍କୁ ଜାମିନ ପ୍ରଦାନ କରିଛନ୍ତି ହାଇକୋର୍ଟ। କେ.ଅନୁଜିତ କୁମାରଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଦୁଇଜଣ ଜାମିନଦାର ଓ ୫୦ ହଜାର ଟଙ୍କାର ବେଲ୍ ବଣ୍ଡ ବଦଳରେ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଅଭିଯୁକ୍ତଙ୍କୁ ତାଙ୍କ ପାସପୋର୍ଟ କୋର୍ଟରେ ଦାଖଲ କରିବାକୁ ହେବ। କୋର୍ଟଙ୍କ ବିନା ଅନୁମତିରେ ସେ ଦେଶ ବାହାରକୁ ଯାଇପାରିବେ ନାହିଁ। ପ୍ରତି ତାରିଖରେ କୋର୍ଟରେ ହାଜର ହେବା ସହ ନିଜର ବର୍ତ୍ତମାନର ଠିକଣା ଓ ମୋବାଇଲ ନମ୍ବର ତଦନ୍ତକାରୀ ସଂସ୍ଥାକୁ ଜଣାଇବେ ବୋଲି ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ଆବେଦନକାରୀଙ୍କ ନିକଟରୁ ୩. ୯ ୯୦ କିଲୋଗ୍ରାମ ମାରିଜୁଆନା ଜବତ କରାଯାଇଥିଲା। ଜବତ ହୋଇଥିବା ପରିମାଣ ଏନଡିପିଏସ ଆଇନ ଅନୁଯାୟୀ 'ମଧ୍ୟବର୍ତ୍ତୀ ପରିମାଣ' ଅଟେ। ଏହାକୁ 'ହାଇଡ୍ରୋପୋନିକ୍ ୱିଡ୍' ବା ମାରିଜୁଆନା କୁହାଯାଉଥିଲେ ସୁଦ୍ଧା ଏହା ଏକ ଗଞ୍ଜା ଉତ୍ପାଦ। ଯେପରି ଗଞ୍ଜେଇ କ୍ଷେତ୍ରରେ ୨୦ କିଲୋଗ୍ରାମରୁ ଅଧିକ ହେଲେ ତାହାକୁ 'ବ୍ୟବସାୟିକ ପରିମାଣ' କୁହାଯାଏ, ତେଣୁ ଏହି କ୍ଷେତ୍ରରେ ଏନଡିପିଏସ ଆଇନର କଠୋର ଧାରା ୩୭ ଲାଗୁ ହେବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

## ଅଗ୍ନିଶମ କେନ୍ଦ୍ର ପରିସରରୁ ୧୮ ପରିବାର ସ୍ଥାନାନ୍ତର

**କଟକ,୧୦।୧(ସମିସ):** ଚାଉଳିଆଗଞ୍ଜ ଅଗ୍ନିଶମ ଓ ଜରୁରିକାଳୀନ ସେବାକେନ୍ଦ୍ର ପରିସରରେ ଦୀର୍ଘବର୍ଷ ଧରି ରହିଆସୁଥିବା କିଛି ଅନଧିକୃତ ବାସିନ୍ଦାଙ୍କ ସ୍ଥାନାନ୍ତରଣ ତଥା ଉଚ୍ଛେଦ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଅଗ୍ନିଶମ କେନ୍ଦ୍ରର ସୁରକ୍ଷା ଓ ଜରୁରିକାଳୀନ ସେବାର କାର୍ଯ୍ୟକ୍ଷମତାକୁ ଆଖି ଆଗରେ ରଖି ପୂର୍ବରୁ ଏହି ସରକାରୀ ସ୍ଥାନକୁ ଖାଲି କରିବା ପାଇଁ ଅନେକଥର ପ୍ରୟାସ କରାଯାଇଥିଲା। ସ୍ଥାନୀୟ କର୍ପୋରେଟର ଓ ସଚେତନ ନାଗରିକଙ୍କ ମଧ୍ୟସ୍ଥତାରେ, ମୋଟ ୧୮ ଟି ପରିବାର ନିଜେ ନିଜେ ଘର ଭାଙ୍ଗି ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଥିଲେ। କଟକ ସଦର ତହସିଲଦାରଙ୍କ ପକ୍ଷରୁ ପ୍ରତ୍ୟେକ ପରିବାରକୁ ୩ଟି ଲେଖାଏଁ ପଲିଥିନ୍ ବଣ୍ଟନ କରାଯାଇଥିଲା। ଏଥିସହିତ ଅଗ୍ନିଶମ ଅଧିକାରୀ, କେନ୍ଦ୍ରାଞ୍ଚଳ କଟକ, ଉପ ଅଗ୍ନିଶମ ଅଧିକାରୀ, ସହକାରୀ ଅଗ୍ନିଶମ ଅଧିକାରୀ ଓ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରର କେନ୍ଦ୍ରାଧିକାରୀଙ୍କ ସହଯୋଗରେ ପ୍ରତ୍ୟେକ ପରିବାରକୁ ୩ଟି କମ୍ବଳ ଓ ଦୁଇ ଓଳି ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା।



### ଜାତୀୟସ୍ତରରେ ଓଡ଼ିଶାର ଟେକ ରଖିଲେ ଶ୍ରେୟା

## ଜୁନିଅର ମିସ୍‌ଇଣ୍ଡିଆରେ ପାଇଲେ ଦୁଇଟି ଶୀର୍ଷ ସମ୍ମାନ

**କଟକ,୧୦ ।୧(ସମିସ):**

ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହୋଇଯାଇଥିବା ଭାରତର ସବୁଠାରୁ ବଡ଼ ବାଳିକା ପ୍ରତିଯୋଗିତା "ଜୁନିଅର ମିସ୍ ଇଣ୍ଡିଆ-୨୦୨୬'ରେ ଓଡ଼ିଆ ଝିଅ ଶ୍ରେୟା ସଂହିତା କୁଣ୍ଡୁ ନିଜର ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଜୟପୁରର ପ୍ରସିଦ୍ଧ ହୋଟେଲ କ୍ଲାର୍କ ଆମେରଠାରେ ଜାନୁଆରୀ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ମେଗା ଇଭେଣ୍ଟରେ ଶ୍ରେୟା ୧୫-୧୬ ବର୍ଷ ବୟସ ବର୍ଗରେ ଅଂଶଗ୍ରହଣ କରିଥିଲେ। ସେ ସମସ୍ତ ରାଉଣ୍ଡରେ ନିଜର ବୁଦ୍ଧିମତା ଓ କଳାନୈପୁଣ୍ୟ ପ୍ରଦର୍ଶନ କରି "ସାଂସ୍କୃତିକ ରାଉଣ୍ଡ'ରେ ବିଜେତା ହେବା ସହ "ମିସ୍ ଟ୍ୟାଲେଣ୍ଟ' ଉପାଧିରେ ଭୂଷିତ ହୋଇଛନ୍ତି। ଶ୍ରେୟା ଏହି ଜାତୀୟ ମଞ୍ଚରେ ଓଡ଼ିଶାର ସମୃଦ୍ଧ ଆଦିବାସୀ ସଂସ୍କୃତିକୁ ଅତି ସୁନ୍ଦର ଭାବେ ଉପସ୍ଥାପନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଓଡ଼ିଶାର ପାରମ୍ପରିକ କୋଟପାଡ୍ ଶାଢ଼ି ପରିଧାନ କରିବା ସହ ଏଥିରେ ଡୋଙ୍ଗରିଆ ଶାଲ୍ ଏବଂ ଶୌରା କଳା ନିର୍ମିତ ପ୍ରପ୍ସ ବ୍ୟବହାର କରିଥିଲେ। ଏହି ନିଆରା ପରିଧାନ ଦ୍ୱାରା ଓଡ଼ିଶାର କଳାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ କରାଯାଇଥିବା ପ୍ରୟାସ ତାଙ୍କୁ ସାଂସ୍କୃତିକ ରାଉଣ୍ଡରେ ଶ୍ରେଷ୍ଠ ପ୍ରତିଯୋଗୀର ସମ୍ମାନ ଆଣିଦେଇଥିଲା। ଏହି ପ୍ରଦର୍ଶନ ପାଇଁ ତାଙ୍କୁ ଓଡ଼ିଶା ସରକାରଙ୍କ ହସ୍ତତନ୍ତ ଓ ବୟନ ମନ୍ତ୍ରଣାଳୟ ପକ୍ଷରୁ "ଉତ୍କଳିକା'ର ଆଦିବାସୀ ହସ୍ତତନ୍ତ ଉତ୍ପାଦ ଯୋଗାଇ ଦିଆଯାଇ ସମର୍ଥନ କରାଯାଇଥିଲା। ତିନି ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ପ୍ରଥମ ଦିନ ଗ୍ରୁମିଂ ଓ ତାଲିମ ଅଧିବେଶନ ହୋଇଥିବା ବେଳେ ଦ୍ୱିତୀୟ ଦିନ ସାଂସ୍କୃତିକ ରାଉଣ୍ଡ ଏବଂ ଶେଷ ଦିନରେ ପଶ୍ଚିମା ପୋଷାକ ଓ ଗାଉନ୍ ରାଉଣ୍ଡ ଆୟୋଜିତ ହୋଇଥିଲା। ସାରା ଭାରତର ବିଭିନ୍ନ ପ୍ରାନ୍ତରୁ ଆଞ୍ଚଳିକ ଅଡିସନ୍ ମାଧ୍ୟମରେ ମନୋନୀତ ହୋଇଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ଶ୍ରେୟାଙ୍କ ଏହି ଦ୍ୱୈତ ସଫଳତା ଓଡ଼ିଶାର କଳା ଓ ପରମ୍ପରା ପାଇଁ ଏକ ବଡ଼ ବିଜୟ ବୋଲି ବିବେଚନା କରାଯାଉଛି। ଏନେଇ ଶ୍ରେୟାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।









ସକାଳ
THE SAKALA



www.sakalaepaper.com

**ଜବରଦଖଲରେ ବଜାର ରାସ୍ତା**

# ଟ୍ରାଫିକ ଜାମ୍‌ରେ ଫସୁଛି ଆମ୍ବୁଲାନ୍ସ ଓ ଦମକଳ

ନିଶ୍ଚିନ୍ତକୋଇଲି,୧୦।୧(ସମିସ): କଟକ-ଚାନ୍ଦବାଲି ମୁଖ୍ୟରାସ୍ତା ପାଶ୍ୱର୍ରେ ଥିବା ନିଶ୍ଚିନ୍ତକୋଇଲି ବଜାରରେ ଦୀର୍ଘ ଦିନ ହେବ ଅନେକ ସମୟରେ ଭିଡ଼ ଜମୁଛି। ରାସ୍ତାର ଦୁଇ ପାଶ୍ୱର୍ରୁ ଦୋକାନୀମାନେ ପସରାକୁ ରାସ୍ତା ଉପରକୁ ମେଲାଇ ଜମେଇ ଦେଇଥିବାରୁ ରାସ୍ତା ସଂକୁଚିତ ହୋଇଯାଇଛି। ଯାହାଦ୍ୱାରା ଯାନବାହନ ଯାତାୟାତ ସମୟରେ ପରସ୍ପର ବିପରୀତ ଦିଗକୁ ଅତିକ୍ରମ କରିବା ସମୟରେ ସମସ୍ୟା ଉପୁଜୁଛି। ପୂର୍ବାହ୍ନରେ ଓ ସଂଧ୍ୟା ସମୟରେ ବଜାର ଭିତରେ ଏଭଳି ଯାନବାହନ ଗୁଡିକ ଜାମ୍ ହୋଇଯାଉଛି ଯେ ଜରୁରିକାଳୀନ ଦମକଳ ଓ ଆମ୍ବୁଲାନ୍ସ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଜବରଦଖଲକାରୀ ବ୍ୟବସାୟୀମାନଙ୍କୁ ଉଚ୍ଛେଦ କରିବା ନିମନ୍ତେ ତହସିଲ ପ୍ରଶାସନ ନିକଟରେ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ସେ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ପୂର୍ବରୁ କଟକ-ଚାନ୍ଦବାଲି ରାସ୍ତାଟି ଅଣଓସାରିଆ ଥିବାରୁ ସବୁବେଳେ ଭିଡ଼ ଜମି



ରହୁଥିଲା।୨୦୧୪ରେ ଉକ୍ତ ରାସ୍ତାକୁ ଉନ୍ନତିକରଣ କରାଯାଇ ୩୨ ଫୁଟ ଓସାରର ରାସ୍ତା କରାଯାଇଥିଲା ବେଳେ ଏହାର ଦୁଇ ପାଶ୍ୱର୍ରେ ୫ ଫୁଟ୍‌ର ନିଚାଳିଆ ନାଳି ମଧ୍ୟ କରାଯାଇଥିଲା। ସେ ସମୟରେ ସରକାରଙ୍କ ପକ୍ଷରୁ କଟକ-ଚାନ୍ଦବାଲି ରାସ୍ତାର ଦୁଇ ପାଶ୍ୱର୍ରେ ଥିବା ଦୋକାନଗୃହଗୁଡିକ ଭଙ୍ଗାଯାଇଥିବା ବେଳେ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ସରକାରଙ୍କ ପକ୍ଷରୁ ଲକ୍ଷଲକ୍ଷ ଟଙ୍କା କ୍ଷତିପୂରଣ ମଧ୍ୟ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ପୁନର୍ବାର ସେହି ଦୋକାନୀମାନେ ଆସ୍ତେ ଆସ୍ତେ ଏହି ନୂତନ ରାସ୍ତା ଉପରକୁ ସେମାନଙ୍କ ଦୋକାନକୁ ମେଲାଇ ଦେଇ ବ୍ୟବସାୟ କଲେ। ଏପରିକି ଆସ୍ତେ ଆସ୍ତେ ରାସ୍ତା ଉପରେ ଅସ୍ଥାୟୀ ଭାବେ ଟିଣ ପକାଇ ବ୍ୟବସାୟ ପସରା ମେଲାଇ ଦେଲେ। ଏବେ ରାସ୍ତାଟି ଜବରଦଖଲ ହୋଇ ସଂକୁଚିତ ହୋଇଯିବାରୁ ଜନସାଧାରଣ ଓ ଯାନବାହନ ଯାତାୟାତ କରିବା ପାଇଁ ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି। ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ମନ୍ତ୍ରୀ, ବିଧାୟକ, ଏପରିକି ସ୍ଥାନୀୟ ପୁଲିସ ଓ ତହସିଲ ପ୍ରଶାସନ ଏହାର ପ୍ରତିକାର ପାଇଁ କେହି ପଦକ୍ଷେପ ନେଉନାହାନ୍ତି। ରାସ୍ତା ଜବରଦଖଲ କରିଥିବା ବ୍ୟବସାୟୀଙ୍କୁ ଯଦି ରାସ୍ତାରୁ ହଟାଇ ଦିଆଯାଏ ତାହା ହେଲେ ଯାତାୟାତର ସୁବିଧା ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ତହସିଲଦାର ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ନୂତନ ଲୋକସମ୍ପର୍କ ଅଧିକାରୀଙ୍କ ଯୋଗଦାନ



ଆଠଗଡ଼,୧୦।୧(ସମିସ): ଆଠଗଡରେ ନୂତନ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଭାବେ ଶାଶ୍ୱତୀ ପାଢ଼ୀ ଯୋଗଦାନ କରିଛନ୍ତି। ଏହି ଅବସରରେ ଆଠଗଡର ସାମ୍ବାଦିକମାନେ ସୁଶ୍ରୀ ପାଢ଼ୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଏହା ପୂର୍ବରୁ ସୁଶ୍ରୀ ପାଢ଼ୀ ରାଜ୍ୟ ସଡକ ପରିବହନ ନିଗମରେ କାର୍ଯ୍ୟ କରୁଥିଲେ। ପୂର୍ବରୁ ଦାୟିତ୍ୱରେ ଥିବା ବିଭାଗୀୟ ଗ୍ରନ୍ଥାଗାରିକ ତାପସ କୁମାର ଓଝାଙ୍କ ସମେତ ସାମ୍ବାଦିକ ସୁଧିରଞ୍ଜନ ଦାଶ, ଅର୍ଦ୍ଧେନ୍ଦୁ ମହାନ୍ତି, ନୀଳକଣ୍ଠ ଦୋରା, ବିଭୂତିଭୂଷଣ ଖଟୁଆ, ସଂଜୟ ମହାନ୍ତି ଓ ବିଷ୍ଣୁପ୍ରସାଦ ଦାସ ଉପସ୍ଥିତ ଥିଲେ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ



ଚୌଦ୍ୱାର,୧୦।୧(ସମିସ): ଜଣେ ଆଦର୍ଶ ଶିକ୍ଷକ ତଥା ବର୍ଷିୟାନ୍ ଶିକ୍ଷାବିତ୍ ସଦାନନ୍ଦ ସାହୁ (୯୧)ଙ୍କ ଶୁକ୍ରବାର ପରଲୋକ ହୋଇଛି। କିଛି ଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ନନ୍ଦ ସାର୍ ଭାବେ ସୁପରିଚିତ ସ୍ୱର୍ଗତ ସାହୁ ଚୌଦ୍ୱାର ଏମ୍ଇ ସ୍କୁଲରୁ ଶିକ୍ଷକତା ଆରମ୍ଭ କରି ୧୯୯୩ରେ ମ୍ୟୁନିସିପାଲ ହାଇସ୍କୁଲରୁ ଅବସର ଗ୍ରହଣ କରିଥିଲେ। ହିନ୍ଦ୍ ସେବକ ସଂଘ ଚୌଦ୍ୱାର କେନ୍ଦ୍ରର ଉପଦେଷ୍ଟା କମିଟି, ରୂପଯାତ୍ରା କମିଟି, ବଡ଼ବଜାର ମେଢ଼ କମିଟି, ଅବସରପ୍ରାପ୍ତ ଶିକ୍ଷକ ସଂଘ ଆଦିରେ ବରିଷ୍ଠ ସଦସ୍ୟ ଥିଲେ। 'ଚଉଦୁଆରର ଇତିହାସ' ନାମକ ଏକ ପୁସ୍ତକ ମଧ୍ୟ ସ୍ୱର୍ଗତ ସାହୁ ରଚନା କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଚୌଦ୍ୱାର ପୌରପାଳିକା ୧ନମ୍ବର ୱାଡର୍ ଗଜଲକ୍ଷ୍ମୀ ସାହିସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଚାଟେଶ୍ୱର ଶ୍ମଶାନରେ ବଡ଼ପୁଅ ସନ୍ତୋଷ ମୁଖାଗ୍ନି ଦେଇଥିଲେ। ପୁତ୍ର ସୁଶାନ୍ତ, ସୁବାସ, ପୁତ୍ରବଧୂ, ନାତିନାତୁଣୀ ତାଙ୍କ ମରଶରୀର ନିକଟରେ ଉପସ୍ଥିତ ଥିଲେ। ମ୍ୟୁନିସିପାଲ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

## ମୁଣ୍ଡକରା ପାହାଡ଼ ଉତ୍ସବର ପ୍ରସ୍ତୁତି



ଟାଙ୍ଗୀ,୧୦।୧(ସମିସ): ଗରୁଡ଼ଗାଁ ପଞ୍ଚାୟତ ତୁଳସୀପୁର ଗ୍ରାମସ୍ଥ ମୁଣ୍ଡକରା ପାହାଡ଼ ଉତ୍ସବ ଓ କପିଳମୁନି ପୂଜାପୀଠ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। କୈଳାଶଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଆୟୋଜକ ପ୍ରମୋଦ କୁମାର ଜଟ ଆସନ୍ତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଉକ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ବୈଠକରେ ଗୌରାଙ୍ଗ ଚରଣ ମାଝି, ଉଦ୍ୟାନବିତ ପ୍ରଶାନ୍ତ ବସ୍ତିଆ, ସକାଳ ସାମ୍ବାଦିକ ଗଙ୍ଗାଧର ବେହେରା, ମାନସ ରଞ୍ଜନ ବେଉରା, ଭଗବାନ ପ୍ରଧାନ, ଶଶାଙ୍କ ରାଉତ, କୁମର ପ୍ରଧାନ, ବାସୁଦେବ ଦାସ, ଦେବେନ୍ଦ୍ର ମଲ୍ଲିକ, ଭୁବନାନନ୍ଦ ପ୍ରଧାନ, ମନୋରଞ୍ଜନ ଓଝା, କ୍ଷୀରୋଦ ପ୍ରଧାନ ଯୋଗଦେଇଥିଲେ। ମାଧବାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଅହମ୍ମଦ ବକ୍ସ ସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ



ନିଶ୍ଚିନ୍ତକୋଇଲି,୧୦।୧(ସମିସ): ନିଶ୍ଚିନ୍ତକୋଇଲି ମୁଖ୍ୟାଳୟରେ ଥିବା ପିଏମ୍‌ଶ୍ରୀ ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୨୫-୨୬ ବର୍ଷର ପିଏମ୍‌ଶ୍ରୀ ଉତ୍ସବ ପାଳିତ ହୋଇଛି। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ଖାଦ୍ୟ ଷ୍ଟଲ ଏବଂ ବିଜ୍ଞାନଜିଜ୍ଞାସା, ସାହିତ୍ୟ ସୃଜନୀ, ସଂସ୍କୃତି, କ୍ରୀଡା, ବ୍ୟାକିଙ୍ଗ୍ କାରବାର ଓ ପ୍ରାଥମିକ ଶିକ୍ଷା କୌଶଳ ସଚେତନତା ପ୍ରକଳ୍ପଗୁଡିକୁ ବୁଲି ଦେଖିଥିଲେ। ପ୍ରଧାନଶିକ୍ଷୟିତ୍ରୀ କାଦମ୍ବିନୀ ମଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଏଥିରେ ମୁଖ୍ୟବକ୍ତା ଭାବେ ପୁରାତନ ଛାତ୍ର ତଥା ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ନୃସିଂହ ମିଶ୍ର, ସରପଞ୍ଚ ମଧୁସ୍ମିତା ରାଉତ, ପଞ୍ଚସଖା ଶିକ୍ଷାସେତୁର ସଭାପତି ନାରାୟଣ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ମିନତୀ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସ୍କୁଲ ପରିଚାଳନା କମିଟି ସଭାପତି ପ୍ରମୋଦ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ସୁବ୍ରତ ବେହେରା, ମିନତୀ ସାହୁ, ନମିତା ବେହେରା, ଶୁଭଲକ୍ଷ୍ମୀ ଦାସ, ମଧୁସ୍ମିତା ଆଚାର୍ଯ୍ୟ, ସଂଗୀତା ନାୟକ, ବିଜୟ ସାହୁ, ହରିଶ ନାୟକ, ସୁରେଶ ପରିଡା, ଶ୍ରୀରାମ ମିଶ୍ର ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପ୍ରହରାଜ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଭିନ୍ନ ଉନ୍ନତିକରଣ ପ୍ରକଳ୍ପର ଶିଳାନ୍ୟାସ



ମାହାଙ୍ଗା,୧୦।୧(ସମିସ): ମାହାଙ୍ଗା ବ୍ଲକ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ପଣସପୁର ପଞ୍ଚାୟତସ୍ଥ ଡିଆଁ ପଣସପୁରଠାରୁ ନଡ଼ିଆ ସାହସପୁର ମେଡିକାଲ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରିଥଲେ। ସେହିପରି ଲଳିତଗିରି ପଞ୍ଚାୟତ ଜେରକାନ୍ଦଠାରୁ ହରିଭକ୍ତପୁର, ପାଇକରାପୁର ପଞ୍ଚାୟତର ଲକ୍ଷ୍ମୀନାରାୟଣପୁରଠାରୁ ବିଦ୍ୟାଧରପୁର ପର୍ଯ୍ୟନ୍ତ ରାସ୍ତା ଓ ଚମ୍ପତିପୁରଠାରେ ନୂତନ ଆବାସିକ ଗୃହର କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଜିତେନ୍ଦ୍ର ଶତପଥୀ, ଧୂରବାନନ୍ଦ ସାମଲ, ହେମନ୍ତ ଦାସ, କନକଲତା ବେହେରା, ନିର୍ମଳ ରାଉତ, ମହନ୍ତ ସରୋଜୁ ରାମ ଦାସ, ଭକ୍ତଚରଣ ସ୍ୱାଇଁ, ଅରୁଣ ସେଠି, ଆଭିନ ଜେନା, ନବକିଶୋର ବେହେରା, ଗଣେଶ୍ୱର ପୃଷ୍ଟି, ନିର୍ଭୟ ଚରଣ ମହାନ୍ତି, ଅଶୋକ କୁମାର ବିଶ୍ୱାଳ, ଗଗନବିହାରୀ ସାମଲ, ନିରଞ୍ଜନ ବେହେରା ଉପସ୍ଥିତ ଥିଲେ।

## ବାପୁଜୀ କ୍ଲବ୍‌ର ଶ୍ରଦ୍ଧାଞ୍ଜଳି



ଟାଙ୍ଗୀ,୧୦।୧(ସମିସ): କୋଟସାହି ପଞ୍ଚାୟତ ଟାଙ୍ଗୀସ୍ଥିତ ବାପୁଜୀ କ୍ଲବ ପକ୍ଷରୁ କ୍ଲବ ସଦସ୍ୟ ତଥା ଅବସରପ୍ରାପ୍ତ ଯନ୍ତ୍ରୀ ଓ କ୍ରୀଡ଼ାବିତ୍ ସ୍ୱର୍ଗତ ଗଜେନ୍ଦ୍ର କୁମାର ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରବିନ୍ଦ୍ର କୁମାର ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ କ୍ଲବ ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କ୍ଲବ ସଦସ୍ୟ ଲକ୍ଷ୍ମୀନାରାୟଣ ଦାଶ, ନାରାୟଣ ସ୍ୱାଇଁ, ଗୋବିନ୍ଦଚନ୍ଦ୍ର ସାହୁ, ବାବାଜୀ ଚରଣ ମହାନ୍ତି, ରୋହିତ ମହାନ୍ତି, କମଳାକାନ୍ତ ମଲ୍ଲିକ, ହେମନ୍ତ ମହାରଣା, ଯତିନ୍ଦ୍ର ସାହୁ, ଅନନ୍ତ ଚରଣ ନାୟକ, ଆଲୋକ ଦାସ ଓ ହୃଦାନନ୍ଦ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## କାର୍ ଧକ୍କାରେ ବୃଦ୍ଧ ମୃତ





ମାହାଙ୍ଗା,୧୦।୧(ସମିସ): ମାହାଙ୍ଗା ଥାନା ଅନ୍ତର୍ଗତ କୁଆଁପାଳ-ବାଲିଚନ୍ଦ୍ରପୁର ରାସ୍ତାର ବାଗସରପୁର ନିକଟରେ ଆଜି ଏକ ସଡକ ଦୁର୍ଘଟଣା ଘଟିଛି। ରାହାଣିଆ ପଞ୍ଚାୟତ କାଳିଅଣ୍ଟି ଗ୍ରାମର ଶରତ କୁମାର ଦାଶ (୬୩)ସାଇକଲ ଯୋଗେ ନିଜ ଘରୁ ବାଲିଚନ୍ଦ୍ରପୁର ବଜାରକୁ ଯାଉଥିବା ସମୟରେ ଏକ କାର(ଓଡି-୧୭ଡି-୧୯୨୦) ଭାରସାମ୍ୟ ହରାଇ କୁସୁପୁର ନିକଟ ପଟାମୁଣ୍ଡାଇ କେନାଲ ବନ୍ଧରେ ଥିବା ଏକ ସୌପନି ମୁହଁଠାରେ ତାଙ୍କୁ ସାମ୍ନା ପଟୁ ଧକ୍କା ଦେଇଥିଲା। ସାଇକଲ ଚାଳକ ବିଲ କଡ଼ରେ ଥିବା ଗଛ ଭିତରକୁ ଛିଟିକି ପଡିଥିଲେ। ଓଳାଶୁଣୀ ଗୁମ୍ଫାରୁ ଫେରୁଥିବା କିଛି ବ୍ୟକ୍ତି ଡ୍ରାଇଭରକୁ କାବୁ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ବୃଦ୍ଧାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ଓ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ପୁଷ୍ୟାଭିଷେକ ମହୋତ୍ସବ ଉଦ୍‌ଯାପିତ



ଟାଙ୍ଗୀ,୧୦।୧(ସମିସ): ୧୧୬ ବର୍ଷରେ ପଦାର୍ପଣ କରିଥିବା କଟକ ଜିଲ୍ଲା ଟାଙ୍ଗୀର ପ୍ରସିଦ୍ଧ ପୁଷ୍ୟାଭିଷେକ ମହୋତ୍ସବ ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହ ଉଦଯାପିତ ହୋଇଯାଇଛି। ପବିତ୍ର ପୌଷ ପୂର୍ଣ୍ଣମୀ ଅବସରରେ ଦେବାଭିଷେକରୁ ଆରମ୍ଭ ହୋଇଥିବା ଉକ୍ତ ସପ୍ତଦିବସୀୟ ମହୋତ୍ସବ ଓଡ଼ିଶାର ୪ଟି ସୁନାମଧନ୍ୟ ଦଳର ଅପେରା ପରିବେଷଣରେ ଶେଷ ହୋଇଥାଏ। ଚଳିତ ବର୍ଷ ମଠସାହିରେ ଅପେରା ସିଂହବାହିନୀ, କୋଟସାହିରେ ଶିବାନୀ, ହାଟସାହିରେ ରଙ୍ଗମହଲ ଓ ମଦନମୋହନ ସାହିରେ ତୁଳସୀ ଗଣନାଟ୍ୟ ନାଟକ ମଞ୍ଚସ୍ଥ କରିଥିଲେ। କଳାକାର ପୀୟୂଷଙ୍କ ଗୋଟିଏ ରାତିର ଅଭିନୟ ଦେଖିବା ଲାଗି ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ଅନ୍ତିମ ଦିବସରେ ସଡ଼କ ଦୁର୍ଘଟଣାରେ ଜିତେନ୍ଦ୍ର ସାହୁ (୨୮) ନାମକ ଜଣେ ସ୍ଥାନୀୟ ଯୁବକଙ୍କ ମୃତ୍ୟୁ ଶୋକର ବାତାବରଣ ସୃଷ୍ଟି କରିଥିଲା।

**୧୯ ବର୍ଷରୁ କମ କ୍ରିକେଟ**

## ଖଣ୍ଡସାହିକୁ ହରାଇ ବିଲିପାଳଦା ଚାମ୍ପିଅନ



ନେମାଳ, ୧୦।୧(ସମିସ): ନେମାଳ ମିନି ଷ୍ଟାଡିଅମରେ ଫ୍ରେଣ୍ଡସ ୟୁନିୟନ ଆନୁକୂଲ୍ୟରେ ଚାଲିଥିବା ୧୯ବର୍ଷରୁ କମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ଇଲେଭେନଷ୍ଟାର ଖଣ୍ଡସାହିକୁ ହରାଇ ମା' ମରିଚାଣି କ୍ରିକେଟ ଟିମ ବିଲିପାଳଦା ଚାମ୍ପିଅନ ହୋଇଛି। ନିର୍ଦ୍ଧାରିତ ୮ଓଭରରେ ଟସ ଜିତି ବିଲିପାଳଦା ପ୍ରଥମେ ବ୍ୟାଟିଂ କରି ୯ଉଇକେଟ ହରାଇ ୧୩୩ରନ ସଂଗ୍ରହ କରିଥିଲା। ଜବାବରେ ଖଣ୍ଡସାହି ସମସ୍ତ ଉଇକେଟ ହରାଇ ମାତ୍ର ୫୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। ରୁଦ୍ରପ୍ରସାଦ ପରିଡ଼ା ମ୍ୟାନ ଅଫ ଦି ମ୍ୟାଚ ଓ ଅରମାନ ଅଲ୍ଲୀ ଖାଁ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ସୌରଭ ପୂଝାରୀ ଓ ରାମନାରାୟଣ ପୂଝାରୀ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସାମ୍ବାଦିକ କ୍ଷମାନିଧି ପୂଝାରୀ, ସମ୍ମାନିତ ଅତିଥି ବିଭୂପ୍ରସାଦ ବୋଷ, ଦିଲ୍ଲୀପ ପୂଝାରୀ, ଜଗଦୀଶ ଦାସ ଯୋଗ ଦେଇଥିଲେ। ରୁଦ୍ରପ୍ରସାଦ ପୃଷ୍ଟି, ଆଶ୍ରିତି ଚନ୍ଦନ ପାତ୍ର, ଆଦିତ୍ୟ ପ୍ରସାଦ ମହାପାତ୍ର, ସତ୍ୟଜିତ ପରିଡ଼ା, ଆସିଷୀ ଦତ୍ତ, ରଶ୍ମିରଂଜନ ପୂଝାରୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ପ୍ରବନ୍ଧ ପ୍ରତିଯୋଗିତାରେ ଅମ୍ରିତାଙ୍କ କୃତିତ୍ୱ

କଣ୍ଟାପଡା,୧୦।୧(ସମିସ): କଣ୍ଟାପଡା ବ୍ଲକ ସୁନ୍ଦରଗ୍ରାମ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀ ଅମ୍ରିତା ମହାନ୍ତି ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଜିଲ୍ଲା ଜଳ ସମ୍ପଦ ବିଭାଗ ଆନୁକୂଲ୍ୟରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅତିଥିମାନେ ଅମ୍ରିତାଙ୍କୁ ପ୍ରଶଂସାପତ୍ର ସହ ନଗଦ ଅର୍ଥ ରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହି କୃତିତ୍ୱ ପାଇଁ ବ୍ଲକ୍ ଶିକ୍ଷାଧିକାରୀ, ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ସ୍ୱାଇଁ, ଜିତେନ୍ଦ୍ର ମହାନ୍ତି, ବରିଷ୍ଠ ଶିକ୍ଷାବିତ୍ ଲକ୍ଷ୍ମୀପ୍ରିୟା ମହାନ୍ତି, ଦୁର୍ଗାପ୍ରସାଦ ମହାନ୍ତି ଓ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନବମ ଶ୍ରେଣୀରେ ଅଧ୍ୟୟନରତ ଅମ୍ରିତା ସୁନ୍ଦରଗ୍ରାମର ନିବେଦିତା ମହାନ୍ତି ଓ ଜ୍ୟୋତିଷ କୁମାର ମହାନ୍ତିଙ୍କ ଏକମାତ୍ର କନ୍ୟା ଅଟନ୍ତି।

## ପିଏମଶ୍ରୀ ମୁଣ୍ଡମୁହାଣ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ପରିଭ୍ରମଣ

ତ୍ରିଶୁଳିଆ,୧୦।୧(ସମିସ): ଆଧୁନିକ ସମାଜରେ ପିଲାମାନଙ୍କ ପାଠପଢ଼ାରେ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ବିଜ୍ଞାନଗାର ପରିଭ୍ରମଣ କରିଛନ୍ତି ପିଏମ୍‌ଶ୍ରୀ ମୁଣ୍ଡମୁହାଣ ହାଇସ୍କୁଲର ଛାତ୍ରଛାତ୍ରୀ। ଏହି ଦକ୍ଷତା ବୃଦ୍ଧି ପାଠପଢ଼ା ଭ୍ରମଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଷଷ୍ଠରୁ ଦଶମ ଶ୍ରେଣୀର ୩୭୧ଜଣ ଛାତ୍ରଛାତ୍ରୀ, ସ୍କୁଲର କମିଟିର ସଦସ୍ୟ ଓ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୁଚିସ୍ମିତା ମହାନ୍ତି ତତ୍ତ୍ୱାବଧାନରେ ଧଉଳିଗିରି, ଖଣ୍ଡଗିରି, ସାଇନ୍ସ ପାର୍କ ଭ୍ରମଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ କମିଟିର ସଭାପତି ବିଜୟ ରାଉତ, ଶିକ୍ଷୟିତ୍ରୀ ଦୀପ୍ତି ଦାସ, ବହୁ ଅଭିଭାବକ ସାମିଲ ଥିଲେ।




## କନ୍ଦରପୁର ଧାନମଣ୍ଡି ଖୋଲିଲା

କନ୍ଦରପୁର,୧୦।୧ (ସମିସ): କଟକ ସଦର ଅନ୍ତର୍ଗତ କେନ୍ଦ୍ର ସମବାୟ ସମିତି ଅଧୀନସ୍ଥ କନ୍ଦରପୁର କୃଷକ ସେବା ସମବାୟ ସମିତି ପକ୍ଷରୁ ଶନିବାର ସମିତି ପରିସରରେ ଧାନ ମଣ୍ଡି ଖୋଲିଛି। ଏହାକୁ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ଉଦଘାଟନ କରିଛନ୍ତି। ଉକ୍ତ ମଣ୍ଡିରେ କନ୍ଦରପୁର, ଆୟତପୁର ଓ ଫକିରପଡା ପଞ୍ଚାୟତର ୭୦୦ ଜଣ ଚାଷୀ ଚଳିତବର୍ଷ ୨୦ ହଜାର କୁଇଣ୍ଟାଲ ଧାନ ଉକ୍ତ ମଣ୍ଡିରେ ଦେବାକୁ ଥିବା ବେଳେ ଉଦଘାଟନ ଦିବସରେ ୪ ଜଣ ଚାଷୀ ୨୫୦ କୁଇଣ୍ଟାଲ ଧାନ ଦେଇଥିବା ଜଣାପଡିଛି। ସମିତିର ସଭାପତି ରାଜୀବ ପରିଡ଼ାଙ୍କ ସମେତ ପୂର୍ବତନ ସଭାପତି ହୃଷିକେଶ ଜେନା, ସରପଞ୍ଚ ସୁଭାଷିନୀ ରାଉତ, ପୂର୍ବତନ ସରପଞ୍ଚ ପ୍ରମୋଦ ରାଉତ, ପୂର୍ବତନ ସରପଞ୍ଚ ଯୋଗେନ୍ଦ୍ର ଭୋଇ, ନିରଞ୍ଜନ ରାଉଳ, ନିମାଇଁ ମହାପାତ୍ର, ଅଭୟ ସ୍ୱାଇଁ, ଅକ୍ଷୟ ଜେନା, ଶୁଭାଶିଷ ଜେନା, ଚନ୍ଦ୍ରଶେଖର ମଲିକ, ହିତପ୍ରକାଶ ପରିଡା ପ୍ରମୁଖ ବହୁ ଚାଷୀ ଉପସ୍ଥିତ ଥିଲେ। ସମିତିର ସଂପାଦକ ଧିରେନ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ନରୁଆ ମଙ୍ଗଳପୁର ହାଇସ୍କୁଲ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ

ନିଶ୍ଚିନ୍ତକୋଇଲି,୧୦।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନରୁଆ ମଙ୍ଗଳପୁର ସହକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଏବଂ ଚକ୍ରଧର ମହାନ୍ତି ଫାମିଲି ଫାଉଣ୍ଡେସନ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା ବେଳେ ବରିଷ୍ଠ ବିଭାଗରେ ବାଳକ ପ୍ରଦୋଷ ରଂଜନ ମହାନ୍ତି ଓ ବାଳିକା ବର୍ଷା ପ୍ରିୟଦର୍ଶିନୀ ବେହେରା ଏବଂ କନିଷ୍ଠ ବିଭାଗରେ ବାଳକ ପାର୍ଥସାରଥୀ



ମହାନ୍ତି ଏବଂ ବାଳିକା ପ୍ରୀତି ପଣ୍ଡା ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। କ୍ରୀଡା ଶିକ୍ଷକ ରାକେଶ ରଣା, ଜିତେନ୍ଦ୍ର ମହାନ୍ତି ଓ ପ୍ରକାଶ ସାହୁ ସମସ୍ତ ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଦୀପକ କୁମାର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଏଥିରେ ମୁଖ୍ୟଅତିଥି ଭାବେ ୟୁଏସ୍‌ଏ ଆଲସ୍କା ୟୁନିଭରସିଟିର ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ, ମୁଖ୍ୟବକ୍ତା ଭାବେ ଜଳଧର ମହାନ୍ତି ଫ୍ୟାମିଲ ଫାଉଣ୍ଡେସନର ପ୍ରତିଷ୍ଠାତା ଚନ୍ଦ୍ରଶେଖର ମହାନ୍ତି, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଖଣିନିର୍ଦ୍ଦେଶକ ଶ୍ରୀଚରଣ ମହାନ୍ତି, ପ୍ରାକ୍ତନ ପ୍ରଧାନଶିକ୍ଷକ ବନମାଳି ଦାସ, ଭୁବନେଶ୍ୱର ଓୟୁଏଟି ପ୍ରଫେସର ଧୀରେନ୍ଦ୍ର ଦାସ, ସ୍କୁଲ ପରିଚାଳନା କମଟିର ସଭାପତି ଅଜିତ ଦାସ, ଆଲୁମନୀ କମିଟିର ସଭାପତି ଅମରେନ୍ଦ୍ର ନାରାୟଣ ଦାସ, ଆଡଭୋକେଟ ଅରୁଣ ଜେନା, ଉପସଭାପତି ଅନୁସୟା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୨୦୧୨ ମାଟ୍ରିକ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀମାନେ ୨୦୨୫ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷାରେ ସ୍କୁଲରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ନଗଦ ଅର୍ଥ ସହ ଟ୍ରଫି ପ୍ରଦାନ କରିଥିଲେ। ପରିଚାଳନା କମିଟିର ସଭ୍ୟ ଅରୁଣ ଜେନା ଧନ୍ୟବାଦ ଦେଇଥିଲେ।

